## ଆଦିବାସୀ ମେଳାର ସପ୍ତମ ସଂଧ୍ୟା

# ଜାତୀୟ ନୃତ୍ୟ ମହୋତ୍ସବରେ ସାଂସ୍କୃତିକ ଐକ୍ୟର ସ୍ୱର

ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଜନଜାତି ଜୀବନର ମହାକୁମ୍ଭ ଆଦିବାସୀ ମେଳା ଆଜି ସପ୍ତମ ଦିନରେ ପହଂଚିଥିବା ବେଳେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବର ଆଜି ଥିଲା ଦ୍ୱିତୀୟ ସଂଧ୍ୟା । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ଏହି ନୃତ୍ୟ ମହୋତ୍ସବରେ ଦେଶର ବିଭିନ୍ନ ଅଂଚଳର ଆଦିବାସୀ ଲୋକ ସଂସ୍କୃତିର ଏକ ମହାମିଳନ ଘଟିଛି ଏବଂ ନୃତ୍ୟ, ସଂଗୀତ ଓ ବାଦ୍ୟର ତାଳେ ତାଳେ ଐକ୍ୟ ଓ ସଂହତିର ବାର୍ତ୍ତା ପ୍ରଚାରିତ ହେଉଛି । ଓଡ଼ିଶା ସମେତ ଏଗାରଟି ରାଜ୍ୟର କଳାକାରମାନେ ସେମାନଙ୍କ ପାରମ୍ପରିକ ସଂସ୍କୃତିର ବର୍ଣ୍ଣିଳ ବିଭବକୁ ନୃତ୍ୟ ଓ ସଂଗୀତ ମାଧ୍ୟମରେ ଚମତ୍କାର ଭାବରେ ପରିବେଷଣ କଲାବେଳେ ଅଗଣିତ ଶ୍ରୋତା ବିମୋହିତ ହେଉଛନ୍ତି । ଏହି ସବୁ ରାଜ୍ୟରୁ ମୋଟ୍ ୨୫ ପ୍ରକାର ଆଦିବାସୀ ନୃତ୍ୟ ଶୈଳୀ ତ୍ରିଦିବସୀୟ  ମହୋତ୍ସବରେ ପରିବେଷଣର ବ୍ୟବସ୍ଥା ହୋଇଛି । ମେଳାର କେନ୍ଦ୍ର ସ୍ଥଳରେ ଥିବା ସୁଦୃଶ୍ୟ ମଂଚ ଉପରେ ରଙ୍ଗ ବେରଙ୍ଗର ପୋଷାକ ପରିଧାନ ସହିତ ବିବିଧ ଅଳଙ୍କାରରେ ସୁସଜ୍ଜିତ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିବା ସମୟରେ ଦର୍ଶକଙ୍କ ଦୃଷ୍ଟି ସ୍ୱତଃ ମଂଚ ଆଡ଼କୁ ଆକର୍ଷିତ ହୋଇ ଉଠୁଛି । ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନଜାତି ବର୍ଗର କଳାକାରମାନେ ଗୋଟିଏ ମଂଚରେ ସେମାନଙ୍କର ପାରଂପରିକ ନୃତ୍ୟ ଶୈଳୀକୁ ସଂସ୍କୃତିପ୍ରେମୀ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ମେଳାର ବୈଶିଷ୍ଟ୍ୟକୁ ଦ୍ୱିଗୁଣିତ କରିବା ସଂଗେ ସଂଗେ ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ପାଇଁ ଏକ ବିରଳ ସୁଯୋଗ ସୃଷ୍ଟି କରିଛି ।

ଆଜି ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ମଣିପୁର, ସିକମ, ଛତିଶଗଡ଼, ରାଜସ୍ଥାନ, ତ୍ରିପୁରା, ଗୁଜୁରାଟ, ମହାରାଷ୍ଟ୍ର, ଆସାମ, ନାଗାଲ୍ୟାଣ୍ଡ, ହିମାଚଳ ପ୍ରଦେଶ ଏବଂ ଓଡ଼ିଶାର ଜନଜାତି କଳାକାରଙ୍କ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା । ଶୀତ ପ୍ରକୋପ ସତ୍ୱେ ହଜାର ହଜାର ଦର୍ଶକ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଏହାକୁ ବେଶ୍ ଆଗ୍ରହର ସହିତ ଉପଭୋଗ କରୁଥିବାର ଦେଖା ଯାଇଥିଲା । ଅନ୍ୟ ଦିନ ଭଳି ଆଜି ମଧ୍ୟ ମେଳା ପରିସରରେ ଥିବା ଆଦିବାସୀ ହାଟ, ଆଦିବାସୀ ଗ୍ରାମ, ହସ୍ତଶିଳ୍ପ ଓ ଚିତ୍ରକଳା ମଣ୍ଡପ ଆଦିରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା । ଖାଦ୍ୟ ବଜାରରେ ବହୁ ଲୋକ ପରିବାର ସହ ଏକାଠି ବସି ସୁସ୍ୱାଦୁ ଖାଦ୍ୟର ମଜା ଉଠାଇ ଥିଲେ । ଗୋଟିଏ ବର୍ଷ ବ୍ୟବଧାନରେ ସହରୀ ସଭ୍ୟତା ଭିତରେ ଆଦିବାସୀ ସଂସ୍କୃତିର ଝଲକ୍ ରାଜଧାନୀ ବାସୀଙ୍କୁ ବେଶ୍ ଆମୋଦିତ କରୁଛି ।

***